*वियोज्य / DETACHABLE*

# ORIYA

## Paper II

## (LITERATURE)

*Time Allowed : Three Hours* | *Maximum Marks : 250*

### QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

There are EIGHT questions divided into two SECTIONS.

Candidate has to attempt FIVE questions in all.

Question No. **1** and **5** are compulsory and out of the remaining, THREE are to be attempted choosing at least ONE from each section.

The number of marks carried by a question/part is indicated against it.

Answers must be written in ORIYA.

Word limit in questions, wherever specified, should be adhered to.

Any page or portion of the page left blank in the answer book must be clearly struck off.

Attempts of questions shall be counted in chronological order. Unless struck off, attempt of a question shall be counted even if attempted partly.

## SECTION 'A'

**1.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 10×5=50

**1.(କ)** କୋଣାର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନାରେ କବି ସାରଳାଦାସଙ୍କ ଅସାଧାରଣ ପ୍ରତିଭାର ମୂଲ୍ୟାୟନ କର ।

**1.(ଖ)** ଆଧୁନିକ ସମାଜ ପାଇଁ କପୋତପକ୍ଷୀ ଉପାଖ୍ୟାନ ମହାନ୍ ଗୁରୁବାଦର ନିର୍ମଳ ପରଂପରା ପ୍ରତିଷ୍ଠାରେ କିପରି ସହାୟକ ହୋଇଛି, ଆଲୋଚନା କର ।

**1.(ଗ)** ବର୍ଷା ବର୍ଣ୍ଣନରେ ଶୃଙ୍ଗାରରସ ଓ ଭକ୍ତିରସର ଯେଉଁ ସୁମଧୁର ସମନ୍ୱୟ ଘଟିଛି, 'ରସକଲ୍ଲୋଳ' କାବ୍ୟରୁ ତାର ପ୍ରାସଙ୍ଗିକତା ବିଚାର କର ।

**1.(ଘ)** ଉତ୍କଳର ପରମ୍ପରା ଓ ପ୍ରସିଦ୍ଧି 'ଚନ୍ଦ୍ରଭାଗା' କାବ୍ୟକୁ କିପରି ମହିମାମଣ୍ଡିତ କରିଛି, ତାର ଆଲୋଚନା କର ।

**1.(ଙ)** କବିତା ଶୈଳୀସର୍ବସ୍ୱ ହେଲେ ସକଳ ପ୍ରକାର ସୌକୁମାର୍ଯ୍ୟ ହରାଇ ବସେ, 'କବିତା-୧୯୬୨' ପୁସ୍ତକର ଆଧାରରେ ଏହାର ସତ୍ୟତା ବିଚାର କର ।

**2.** ନିମ୍ନପ୍ରଦତ୍ତ ବିଷୟରେ **400** ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

**2.(କ)** ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ପ୍ରସଙ୍ଗରୁ ମାଟିର ମହାକବି ସାରଳାଦାସଙ୍କ କବିତ୍ୱର ପରାକାଷ୍ଠା ପ୍ରଦର୍ଶନ କର ।

**2.(ଖ)** ନୈତିକ ଶିକ୍ଷା ମାଧ୍ୟମରେ ଏକ ସୁସ୍ଥ ସୁନ୍ଦର ଆଦର୍ଶ ସମାଜ ଗଠନ ହେଉଛି ଭାଗବତର ମୂଳ ଉଦ୍ଦେଶ୍ୟ । 'ଯଦୁ ଅବଧୂତ ସମ୍ବାଦ'ରୁ ଏହାର ସତ୍ୟତା ବିଚାର କର ।

3. ନିମ୍ନପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

3.(କ) କବି ଜୀବନର କରୁଣଚିତ୍ର ରସକଲ୍ଲୋଳର ପଠିତ ଛାନ୍ଦ ଅନୁସରଣରେ ଅନୁଶୀଳନ କର ।

3.(ଖ) 'ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ହେ' —
'ଲାବଣ୍ୟବତୀ'ର ପଠିତ ଛାନ୍ଦ ଆଧାରରେ ଏହାର ଯଥାର୍ଥତା ପ୍ରତିପାଦନ କର ।

4. ନିମ୍ନପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

4.(କ) କବି ମାନସିଂହଙ୍କ ଜୀବନର ଆତ୍ମଲିପି କିପରି 'ଜୀବନଚିତା'ର ଛତ୍ରେ ଛତ୍ରେ ଲିପିବଦ୍ଧ ହୋଇଛି, ଆଲୋଚନା କର ।

4.(ଖ) ମୃତ୍ୟୁକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ରୂପେ ପରିକଳ୍ପନା କରିବା ମଧ୍ୟରେ ଜୀବନ ପାଇଁ ନୂତନ ଅର୍ଥବୋଧର ଅନ୍ୱେଷଣ ହେଉଛି ରମାକାନ୍ତଙ୍କ କାବ୍ୟଚେତନାର ମୁଖ୍ୟ ଆକର୍ଷଣ, 'ସପ୍ତମଋତୁ' ଅନୁସରଣରେ ଏହାର ଅନୁଶୀଳନ କର ।

## SECTION 'B'

5. ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 10×5=50

5.(କ) ଯୁଗଯନ୍ତ୍ରଣାର ବାହକଭାବେ ଦର୍ଶକର ବୌଦ୍ଧିକ ଚେତନାକୁ ସ୍ପର୍ଶ କରିବାରେ 'କାଠଘୋଡ଼ା'ର ଏକ ସ୍ୱତନ୍ତ୍ର ଭୂମିକା ରହିଛି, ବିଚାର କର ।

5.(ଖ) ସାଂପ୍ରତିକ ମଣିଷକୁ ଆୟତ୍ତ କରିବାକୁ ହେଲେ ଖାଲି ବିଦ୍ୟା ନୁହେଁ, ବୁଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି, 'ଦାନାପାଣି' ଏହାର ସଫଳ ଦୃଷ୍ଟାନ୍ତ, ବିଚାର କର ।

5.(ଗ) ଅହମିକା ଓ ଆତ୍ମବଡ଼ିମାର ଆର୍ତ୍ତଚିତ୍କାରରେ ଧରାଶାୟୀ ହୋଇଛି ବିବେକ । 'ବ୍ୟାଘ୍ରାରୋହଣ' ଗଳ୍ପରୁ ଏହାର ସତ୍ୟତା ନିରୂପଣ କର ।

5.(ଘ) ସମକାଳୀନ ସମାଜ ଜୀବନର ନିଛକ ଚିତ୍ର 'ମରାଳର ମୃତ୍ୟୁ' ଗଳ୍ପରେ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

5.(ଙ) 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧ ଗ୍ରନ୍ଥର ପ୍ରଥମ ପାଞ୍ଚଗୋଟି ପ୍ରବନ୍ଧ ଆଧାରରେ ମଣିଷ ଜୀବନରେ ସତ୍ୟର ସ୍ୱରୂପ ସମ୍ପର୍କରେ ଅନୁଶୀଳନ କର ।

6. ନିମ୍ନପ୍ରଦତ୍ତ ପ୍ରତ୍ୟେକ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

6.(କ) ଐତିହାସିକ ଘଟଣାକୁ ସମକାଳୀନ ଜୀବନାଦର୍ଶ ମଧ୍ୟରେ ରୂପଦେବାରେ ନାଟ୍ୟକାରଙ୍କ କୃତିତ୍ୱ 'ତଟନିରଂଜନା' ନାଟକ ଅବଲମ୍ବନରେ ବିଚାର କର ।

6.(ଖ) ସାଂପ୍ରତିକ ମଣିଷ ତାର ଜୀବନ ପରିସର ମଧ୍ୟରେ ନିଜକୁ ଏକାନ୍ତ ଅସହାୟ ମନେକରୁଛି, 'କାଠଘୋଡ଼ା' ହେଉଛି ତାହାର ନିଛକ ଦୃଷ୍ଟାନ୍ତ, ବିଚାର କର ।

7. ନିମ୍ନପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

7.(କ) 'ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ' — ଏହି ବାଣୀଟି ଛ'ମାଣ ଆଠଗୁଣ୍ଠ ଉପନ୍ୟାସକୁ ଏକ ଆଦର୍ଶନିଷ୍ଠ ଉପନ୍ୟାସରେ ପରିଣତ କରିଛି, ଏହି ଉକ୍ତିର ସମୀକ୍ଷା କର ।

7.(ଖ) ଯୁଦ୍ଧୋତ୍ତର ସଂଘର୍ଷମୁଖର ସ୍ଥିତିବାଦର ଏକ ମନୋଜ୍ଞ ଇସ୍ତାହାର ହେଉଛି ଉପନ୍ୟାସ 'ଦାନାପାଣି', ଏହି ଉକ୍ତିର ସାରବତ୍ତା ପ୍ରମାଣ କର ।

8. ନିମ୍ନପ୍ରଦତ୍ତ ବିଷୟରେ 400 ଶବ୍ଦ ମଧ୍ୟରେ ଆଲୋଚନା କର । 25×2=50

8.(କ) ମନୋଜ ଦାସଙ୍କ ଚରିତ୍ରଭିତ୍ତିକ ଗଳ୍ପଗୁଡ଼ିକରେ ହାସ୍ୟ କରୁଣ ପରିସ୍ଥିତି ଏକ ଉତ୍ତୀର୍ଣ୍ଣ ଦିବ୍ୟ ସନ୍ତୋଷର ରୂପ ନେଇଥାଏ, 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରୁ ଏହାର ସତ୍ୟତା ବିଚାର କର ।

8.(ଖ) ନିର୍ଭୟ ହୋଇ ଆପଣାର ଜୀବନରେ ଆପଣାର ଆକାଙ୍‌କ୍ଷାକୁ ପରିପୂର୍ଣ୍ଣ କରିବା ଦିଗରେ ବୋରିସ୍ ପାଷ୍ଟରନାକ ହେଉଛନ୍ତି ଏକ ଭିନ୍ନସ୍ୱାଦର ମଣିଷ, ଏହାର ଯଥାର୍ଥତା ନିରୂପଣ କର ।

---

C

CS (Main) Exam : ,2014

**C–DRN–N–L–QSZB**

# ORIYA

## Paper—II

## (Literature)

*Time Allowed : Three Hours*

*Maximum Marks : 250*

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions :**

There are **EIGHT** questions divided into **Two Sections.**

Candidate has to attempt **FIVE** questions in all.

Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** from each section.

The number of marks carried by a question/part is indicated against it.

Answers must be written in **ORIYA.**

Word limit in questions, wherever specified, should be adhered to.

Any page or portion of the page left blank in the answer book must be clearly struck off.

Attempts of questions shall be counted in chronological order. Unless struck off, attempt of a question shall be counted even if attempted partly.

---

## SECTION—A

Q.1. **ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 1(a) ମହାଭାରତର ଶାନ୍ତିପର୍ବ ଅନୁସରଣରେ ଭୀଷ୍ମଙ୍କ ପରାମର୍ଶ ସଂପର୍କରେ ଆଲୋକପାତ କର । 10

Q. 1(b) 'ପିଙ୍ଗଳା' ପ୍ରସଙ୍ଗର ସାରବତ୍ତା ଭାଗବତର ପଠିତାଂଶ ଅବଲମ୍ବନରେ ବିଶ୍ଳେଷଣ କର । 10

Q. 1(c) କୋଣାର୍କସ୍ଥ ସୂର୍ଯ୍ୟମନ୍ଦିର ଧ୍ୱଂସ ମୂଳରେ କଣ ରହିଛି, 'ଚନ୍ଦ୍ରଭାଗା' କାବ୍ୟ ଅନୁସରଣରେ ଆଲୋଚନା କର । 10

Q. 1(d) ଲାବଣ୍ୟବତୀର ଦ୍ୱିତୀୟ ଛାନ୍ଦ ଅନୁସରଣରେ କବିଙ୍କ ସୌନ୍ଦର୍ଯ୍ୟ ଦୃଷ୍ଟିର ବିଶ୍ଳେଷଣ କର । 10

Q. 1(e) 'କବିତା 1962' ଆଧୁନିକ ମଣିଷ ଜୀବନର କାବ୍ୟିକ ମୁକୁର - ପ୍ରମାଣ କର । 10

Q.2. **ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 2(a) ମହାକାବ୍ୟିକ ଶୈଳୀ ଦୃଷ୍ଟିରୁ ସାରଳାଙ୍କ ମହାଭାରତର 'ଶାନ୍ତିପର୍ବ' ଅବଲମ୍ବନରେ ବିଶ୍ଳେଷଣ କର । 20

Q. 2(b) 'ଭାଗବତ'ର ଚବିଶଗୁରୁ ପ୍ରସଙ୍ଗର ତାତ୍ପର୍ଯ୍ୟ ବୁଝାଅ । 15

Q. 2(c) ସମାଜରେ ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ପ୍ରସାରରେ 'ଭାଗବତର'ର ଭୂମିକା ପଠିତାଂଶ ଅବଲମ୍ବନରେ ଆଲୋଚନା କର । 15

Q.3. **ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 3(a) 'ରସକଲ୍ଲୋଳ'ର ନିର୍ଦ୍ଧାରିତ ଅଂଶ ଭିତ୍ତିରେ ଦୀନକୃଷ୍ଣଙ୍କ କାବ୍ୟ ପ୍ରତିଭାର ମୂଲ୍ୟାୟନ କର । 20

Q. 3(b) 'ଲାବଣ୍ୟବତୀ'ର ନିର୍ଦ୍ଧାରିତ ଅଂଶ ଭିତ୍ତିରେ କବିଙ୍କ କାବ୍ୟିକ ଶୈଳୀର ଆଲୋଚନା କର । 15

Q. 3(c) 'ରସକଲ୍ଲୋଳ'ର ପଠିତାଂଶକୁ ଆଧାର କରି କବି ଓ କବିତାର ସ୍ୱରୂପ ବିଶ୍ଳେଷଣ କର । 15

Q.4. **ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 4(a) ସଚ୍ଚିଦାନନ୍ଦଙ୍କ କାବ୍ୟଯାତ୍ରାରେ 'କବିତା 1962' ଏକ ଅନନ୍ୟ ସୃଷ୍ଟି ପ୍ରତିପାଦନ କର । 20

Q. 4(b) ପ୍ରତୀକବାଦୀ କବିତା ସଂକଳନ ଭାବେ 'ସପ୍ତମରତୁ'ର ତାତ୍ପର୍ଯ୍ୟ ନିରୂପଣ କର । 15

Q. 4(c) 'ଚନ୍ଦ୍ରଭାଗା' କାବ୍ୟର ପଠିତାଂଶକୁ ଭିତ୍ତି କରି ରୂପ ବର୍ଣ୍ଣନାରେ ରାଧାନାଥଙ୍କ କୃତିତ୍ୱ ଆଲୋଚନା କର । 15

## SECTION—B

Q.5. **ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 5(a) 'କାଠଘୋଡ଼ା'ର ଉପସ୍ଥାପନ ଶୈଳୀର ଆଲୋଚନା କର । 10

Q. 5(b) ଆଧୁନିକ ମଣିଷର ସ୍ଥିତିଗତ ଦ୍ୱନ୍ଦ୍ୱ 'ମରାଳର ମୃତ୍ୟୁ' ଅବଲମ୍ବନରେ ବିଚାର କର । 10

Q. 5(c) ଛ'ମାଣ ଆଠଗୁଣ୍ଠରେ ପ୍ରଦର୍ଶିତ ଚରିତ୍ରମାନଙ୍କ ବୈଚିତ୍ର୍ୟ ସଂପର୍କରେ ବିଶ୍ଳେଷଣ କର । 10

Q. 5(d) 'ଦାନାପାଣି'ର ଯୁଦ୍ଧ ସାମାଜିକ ସୌହାର୍ଦ୍ଦ୍ୟର ପରିପନ୍ଥୀ - ପ୍ରତିଷ୍ଠା କର । 10

Q. 5(e) ଚିତ୍ତରଞ୍ଜନଙ୍କ ପ୍ରବନ୍ଧ ବୌଦ୍ଧିକତା ଓ ସାରଲ୍ୟର ସମାହାର - ନିର୍ଦ୍ଦେଶିତ ପ୍ରବନ୍ଧ ମାନଙ୍କ ଭିତ୍ତିରେ ପ୍ରତିପାଦନ କର । 10

Q.6. **ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 6(a) 'ତଟ ନିରଂଜନା' ଆଧୁନିକ ଜୀବନବୋଧର କଳାତ୍ମକ ରୂପ - ବିଶ୍ଳେଷଣ କର । 20

Q. 6(b) ଉପନ୍ୟାସର ସଫଳତା ପାଇଁ ଶୈଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ - ଛ'ମାଣ ଆଠଗୁଣ୍ଠ ଭିତ୍ତିରେ ଆଲୋଚନା କର । 15

Q. 6(c) ପ୍ରୟୋଗବାଦୀ ନୂତନ ଶୈଳୀର ନାଟକ ଭାବେ 'କାଠଘୋଡ଼ା'ର ମୂଲ୍ୟାୟନ କର । 15

**Q.7. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 7(a) ସମକାଳର ନୀତି ଓ ନୀତିହୀନତାର ଦ୍ୱନ୍ଦ୍ୱ - 'ଦାନାପାଣି'ର ଭିତ୍ତିଭୂମି - ଆଲୋଚନା କର । 20

Q. 7(b) ମନୋଜ ଦାସଙ୍କ ଗଳ୍ପରେ ଥାଏ ମଣିଷର ଛଦ୍ମ ଅହମିକା ପ୍ରତି ବ୍ୟଙ୍ଗ - 'ଲକ୍ଷ୍ମୀର ଅଭିସାର' ଅବଲମ୍ବନରେ ଏହାର ସତ୍ୟତା ପ୍ରତିପାଦନ କର । 15

Q. 7(c) 'ମରାଳର ମୃତ୍ୟୁ'ର ପଠିତାଂଶ ଅବଲମ୍ବନରେ ସୁରେନ୍ଦ୍ର ମହାନ୍ତିଙ୍କ କ୍ଷୁଦ୍ର ଗଳ୍ପରେ ରହିଥିବା ନୂତନତାର ସ୍ୱରୂପ ବିଶ୍ଳେଷଣ କର । 15

**Q.8. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 8(a) 'ମୁଁ ସତ୍ୟଧର୍ମା କହୁଚି'ର ନିର୍ଦ୍ଦେଶିତ ପ୍ରବନ୍ଧମାନଙ୍କ ଅବଲମ୍ବନରେ ଚନ୍ଦ୍ରଶେଖରଙ୍କ ସାଂସ୍କୃତିକ ଚେତନାର ବିଚାର କର । 20

Q. 8(b) ସାମାଜିକ ଶୁଦ୍ଧତା ପାଇଁ ସାହିତ୍ୟର କି ଭୂମିକା ରହିବା ଉଚିତ - 'ରେଙ୍ଗ ଓ ତଡ଼ିତ'ର ନିର୍ଦ୍ଦେଶିତ ପ୍ରବନ୍ଧମାନଙ୍କ ଭିତ୍ତିରେ ଏହା ଆଲୋଚନା କର । 15

Q. 8(c) ଚିତ୍ତରଞ୍ଜନ ଦାସ ଓ ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧର ପଠିତାଂଶକୁ ଆଧାର କରି ଉଭୟ ପ୍ରାବନ୍ଧିକଙ୍କ ଶୈଳୀଗତ ତାରତମ୍ୟର ସ୍ୱରୂପ ଆକଳନ କର । 15

**C–AVZ–O–NQLB**

CS (Main) Exam:2015

# ORIYA

## Paper—II

## (Literature)

*Time Allowed : Three Hours*

*Maximum Marks : 250*

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions :**

There are **EIGHT** questions divided in **Two Sections**.

Candidate has to attempt **FIVE** questions in all.

Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** from each Section.

The number of marks carried by a question/part is indicated against it.

Answers must be written in **ORIYA**.

Word limit in questions, wherever specified, should be adhered to.

Any page or portion of the page left blank in the answer book must be clearly struck off.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly.

---

## SECTION—A

Q.1. **ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 1(a) ସମାଜକୁ ଶୃଙ୍ଖଳିତ ଓ ସଂଯତ କରିବା ସହ ସୁନ୍ଦର ଓ ଶୁଦ୍ଧପୂତ ଆଚରଣର ବାର୍ତ୍ତା ପ୍ରସାର ଲାଗି ସାରଳା ମହାଭାରତ କେତେଦୂର ସଫଳ ହୋଇପାରିଛି ତାହା 'ଶାନ୍ତିପର୍ବ' ଅବଲମ୍ବନରେ ବିଚାର କର । **10**

Q. 1(b) 'କର୍ମ କରଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ'ର ପ୍ରାସଙ୍ଗିକତା ଭାଗବତର ପଠିତାଂଶକୁ ଭିତ୍ତି କରି ବିଶ୍ଲେଷଣ କର । **10**

Q. 1(c) ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଗୋପୀମାନଙ୍କର ହୃଦୟର ବେଦନା କିପରି ଉଦ୍ଧବଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି - ବିଚାର କର । **10**

Q. 1(d) ପାଶ୍ଚାତ୍ୟ କଥାବସ୍ତୁକୁ ଆମ ଉତ୍କଳର ପରମ୍ପରା ଓ ପ୍ରସିଦ୍ଧିରେ କବି ରାଧାନାଥ କିପରି ମହିମାମଣ୍ଡିତ କରିଛନ୍ତି ଆଲୋଚନା କର । **10**

Q. 1(e) 'ଜୀବନ ଚିତା' ଅବଲମ୍ବନରେ ଈଶ୍ୱରଙ୍କ ନିକଟରେ ଭକ୍ତର ଅଭିମାନ କିପରି ବ୍ୟକ୍ତ ହୋଇଛି ଆଲୋଚନା କର । **10**

**Q.2. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 2(a) ସାରଳା ଦାସଙ୍କ ପାଣ୍ଡିତ୍ୟ ମହାଭାରତର 'ଶାନ୍ତିପର୍ବ' ଅବଲମ୍ବନରେ ବିଶ୍ଳେଷଣ କର । **20**

Q. 2(b) ସାଙ୍ଗୀତିକତା, ପଦଲାଳିତ୍ୟ ଓ ଅପୂର୍ବ କାବ୍ୟଶୈଳୀରେ ରସକଲ୍ଲୋଳର ସ୍ୱାତନ୍ତ୍ର୍ୟ ନିହିତ - ବିଚାର କର । **15**

Q. 2(c) ଲୋକ ଉପାଦାନର ପ୍ରୟୋଗ କବିତାର ଆତ୍ମିକ ଅଭିବ୍ୟକ୍ତିକୁ ଅଧିକ ଭାବଗର୍ଭକ ଓ ପ୍ରଭାବଶାଳୀ କରିଛି - 'କବିତା 1962' ଅବଲମ୍ବନରେ ପ୍ରତିପାଦନ କର । **15**

**Q.3. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 3(a) 'ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ,
ଏ ସଂସାର ଆମ୍ଭ ଖେଳଘରର ସଦୃଶ ହୋ' - 'ଲାବଣ୍ୟବତୀ'ର ପଠିତାଂଶ ଅବଲମ୍ବନରେ ଯଥାର୍ଥତା ପ୍ରତିପାଦନ କର । **20**

Q. 3(b) 'ଜୀବନ ଚିତା' ଅବଲମ୍ବନରେ କବି ମାୟାଧର ମାନସିଂହଙ୍କ ଜୀବନାଦର୍ଶର ପରିଚୟ ପ୍ରଦାନ କର । **15**

Q. 3(c) ମୃତ୍ୟୁଚେତନା ଓ ମୃତ୍ୟୁବୋଧରୁ ଅମୃତ ଅନୁସନ୍ଧାନର ଆକାଂକ୍ଷା 'ସପ୍ତମ ଋତୁ' ଗ୍ରନ୍ଥ ଅନୁସରଣରେ ଅନୁଶୀଳନ କର । **15**

**Q.4. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 4(a) ପ୍ରକୃତି, ଆଧ୍ୟାତ୍ମିକତା, ଆତ୍ମା ଓ ପରମାତ୍ମା ଆଦିର ସମନ୍ୱୟରେ ଭାଗବତ ଗ୍ରନ୍ଥର ମହତ୍ତ୍ୱ ପ୍ରତିପାଦିତ - ଆଲୋଚନା କର । **20**

Q. 4(b) 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦରେ ପ୍ରତିଫଳିତ ରୀତିଯୁଗୀୟ କାବ୍ୟାଦର୍ଶ - ଆଲୋଚନା କର । **15**

Q. 4(c) 'ଚନ୍ଦ୍ରଭାଗା' ଅବଲମ୍ବନରେ କବିଙ୍କର ରୂପ ଓ ପ୍ରକୃତି ବର୍ଣ୍ଣନା-ବିଳାସିତାର ପରିଚୟ ପ୍ରଦାନ କର । **15**

## SECTION—B

**Q.5. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 5(a) ମନୁଷ୍ୟ ଜୀବନର ରହସ୍ୟ ଉଦ୍‌ଘାଟନ ଓ ବ୍ୟକ୍ତି ଚେତନାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣରେ 'କାଠଘୋଡ଼ା' ନାଟକର ଭୂମିକା ନିରୂପଣ କର । **10**

Q. 5(b) ପୁରାଣ, ଇତିହାସ ଓ ବୌଦ୍ଧ ଜାତକର ବିଭିନ୍ନ ଆଖ୍ୟାୟିକା ଉପରେ 'ମରାଳର ମୃତ୍ୟୁ' ଗଳ୍ପ ସଂକଳନ ରଚିତ - ପ୍ରମାଣ କର । **10**

Q. 5(c) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସ ଅବଲମ୍ବନରେ ତତ୍କାଳୀନ ଓଡ଼ିଶାର ସାମାଜିକ ଚିତ୍ର ପ୍ରଦାନ କର । 10

Q. 5(d) 'ଦାନାପାଣି' ଉପନ୍ୟାସର ସରୋଜିନୀ ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର । 10

Q. 5(e) ଆବେଗଧର୍ମୀ ଭାବ ଓ କାବ୍ୟିକ ପରିପ୍ରକାଶର ମଧୁର ସଂଯୋଗରେ ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧ ପ୍ରାଣସ୍ପର୍ଶୀ - 'ମୁଁ ସତ୍ୟଧର୍ମା କହୁଛି' ଗ୍ରନ୍ଥ ଅନୁସରଣରେ ସତ୍ୟତା ପ୍ରମାଣ କର । 10

**Q.6. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 6(a) ଉଚ୍ଚମାନର ମଞ୍ଚକଳା ଓ ବୌଦ୍ଧିକତା ଦୃଷ୍ଟିକୋଣରୁ 'ତଟ ନିରଞ୍ଜନା' ଏକ ପରୀକ୍ଷାଧର୍ମୀ ନାଟକ - ଆଲୋଚନା କର । 20

Q. 6(b) ମୌଳିକ ଚିନ୍ତା ଓ ଚେତନା, ଜୀବନ୍ତ ଭାଷା ଓ ଭାବଗର୍ଭକ ବିଶ୍ଳେଷଣଧର୍ମୀ ଶୈଳୀ ହେଉଛି ଚିତ୍ତରଞ୍ଜନ ଦାସଙ୍କ ପ୍ରବନ୍ଧର ବୈଶିଷ୍ଟ୍ୟ - 'ତରଙ୍ଗ ଓ ତଡ଼ିତ୍' ର ପଠିତାଂଶ ପ୍ରବନ୍ଧ ଭିତ୍ତିରେ ଆଲୋଚନା କର । 15

Q. 6(c) ମନୋଜ ଦାସଙ୍କ ଶୈଳୀ ତାଙ୍କ ଗଳ୍ପର ଏକ ଆକର୍ଷଣୀୟ ଦିଗ - 'ଲକ୍ଷ୍ମୀର ଅଭିସାର' ଗ୍ରନ୍ଥ ଅବଲମ୍ବନରେ ବିଚାର କର । 15

**Q.7. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 7(a) 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥର 'ଆଧୁନିକ ଜର୍ମାନ ସାହିତ୍ୟ' ପ୍ରବନ୍ଧରେ ଚିତ୍ତରଞ୍ଜନ ଦାସଙ୍କର ଜର୍ମାନ ସାହିତ୍ୟ ଆଲୋଚନା ଉପରେ ଆଲୋକପାତ କର । 20

Q. 7(b) ବିଭିନ୍ନ ମାର୍ଗ ଦେଇ ସରକାରୀ ସେବା ବୃତ୍ତିରେ ଉପରକୁ ଉଠିବାର ଆଶା କିପରି 'ଦାନାପାଣି' ଉପନ୍ୟାସରେ ପ୍ରତିଫଳିତ - ଆଲୋଚନା କର । 15

Q. 7(c) ଆଭାସଧର୍ମୀ ସଂଳାପ ମାଧ୍ୟମରେ ମଣିଷର ଅବଚେତନ ମାନସର ଚିତ୍ର ଅଙ୍କନ କରିବାରେ ମନୋରଞ୍ଜନ ଦାସ ସିଦ୍ଧହସ୍ତ - 'କାଠ ଘୋଡ଼ା' ଅବଲମ୍ବନରେ ଆଲୋଚନା କର । 15

**Q.8. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 8(a) ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଉଚ୍ଚକୋଟୀର, 'ମରାଳର ମୃତ୍ୟୁ' ଅବଲମ୍ବନରେ ବିଶ୍ଳେଷଣ କର । 20

Q. 8(b) ଜଣେ ଐତିହ୍ୟ ଓ ସଂସ୍କୃତି ସଚେତନ ପ୍ରାବନ୍ଧିକ ଭାବରେ ଚନ୍ଦ୍ରଶେଖର ରଥ ପରିଚିତ । 'ମୁଁ ସତ୍ୟଧର୍ମା କହୁଛି'ର ନିର୍ଦ୍ଦେଶିତ ପ୍ରବନ୍ଧ ଅବଲମ୍ବନରେ ସତ୍ୟତା ପ୍ରମାଣ କର । 15

Q. 8(c) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ବର୍ଣ୍ଣିତ ନାରୀ ଚରିତ୍ର ଚିତ୍ରଣରେ ଫକୀର ମୋହନଙ୍କ କୃତିତ୍ୱ ଆଲୋଚନା କର । 15

**M–ESC–D–ORY**

# ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

---

# ଓଡ଼ିଆ

**(ପତ୍ର—II)**

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣସଂଖ୍ୟା : 250 |
|---|---|

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ ଆଠୋଟି ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୁନ **ଗୋଟିଏ** କରି ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପ ଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ।

ସ୍ପଷ୍ଟରୂପେ କଟାଯାଇ ନଥିଲେ, ଆଂଶିକ ଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ।

ଉତ୍ତର ପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

## SECTION—A

**1.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 10×5=50

*(a)* ମହାଭାରତର ଶାନ୍ତିପର୍ବରେ ଭୀଷ୍ମଙ୍କ ଦ୍ୱାରା ପ୍ରଦତ୍ତ ନୀତିବାକ୍ୟଗୁଡ଼ିକୁ ବିଶ୍ଳେଷଣ କର। 10

*(b)* ପିଙ୍ଗଳା ଉପାଖ୍ୟାନର ସାରବତ୍ତା ପଠିତ କବିତା ଭିତ୍ତିରେ ବିଚାର କର। 10

*(c)* ''କଲ୍ଲୋଳେ ପଦଲାଳିତ୍ୟମ୍'' ଉକ୍ତିଟି ରସକଲ୍ଲୋଳ ନିମନ୍ତେ କେତେଦୂର ପ୍ରଯୁଜ୍ୟ, ଆଲୋଚନା କର। 10

*(d)* 'ଚନ୍ଦ୍ରଭାଗା'ରେ ରାଧାନାଥଙ୍କ ସୌନ୍ଦର୍ଯ୍ୟବୋଧର ପରାକାଷ୍ଠା ନିରୂପଣ କର। 10

*(e)* ସଚ୍ଚି ରାଉତରାୟଙ୍କ 'କବିତା ୧୯୬୨'ରେ ଆଧୁନିକ ମଣିଷର ଜୀବନବୋଧର ସ୍ୱରୂପ ନିରୂପଣ କର। 10

**2.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

*(a)* କଥାବସ୍ତୁ ସଂଯୋଜନା ଓ ଚରିତ୍ର ଚିତ୍ରଣ କ୍ଷେତ୍ରରେ ସାରଳାଦାସଙ୍କ ବୈଶିଷ୍ଟ୍ୟ ଶାନ୍ତିପର୍ବ ଆଧାରରେ ସମୀକ୍ଷା କର। 20

*(b)* ଓଡ଼ିଆଙ୍କ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଜୀବନର ବିକାଶରେ ଭାଗବତର ଦାନ ଅତୁଳନୀୟ—ଯଦୁ ଅବଧୂତ ସମ୍ବାଦ ଅବଲମ୍ବନରେ ପ୍ରମାଣ କର। 15

*(c)* ଲାବଣ୍ୟବତୀରେ ନଗର ବର୍ଣ୍ଣନାର ବୈଚିତ୍ର୍ୟ ପ୍ରତିପାଦନ କର। 15

**3.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

*(a)* ରସକଲ୍ଲୋଳରେ ଦୀନକୃଷ୍ଣଙ୍କ କାବ୍ୟାଦର୍ଶର ସ୍ୱାତନ୍ତ୍ର୍ୟ ପଠିତାଂଶ ଦ୍ୱାରା ବିବେଚନା କର। 20

*(b)* ପାରମ୍ପରିକ କାବ୍ୟ ରଚନା କ୍ଷେତ୍ରରେ ରାଧାନାଥଙ୍କ ଚନ୍ଦ୍ରଭାଗା ଏକ ଅଭିନବ ପ୍ରୟାସ—ବିଶ୍ଳେଷଣ କର। 15

*(c)* 'ଜୀବନ ଚିତା' ହେଉଛି ମାନସିଂହଙ୍କ ଜୀବନବୋଧର ପ୍ରତିଲିପି—ପ୍ରତିପାଦନ କର। 15

**4.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

*(a)* ସଚ୍ଚି ରାଉତରାୟଙ୍କ କବିତାର ଇତିହାସ ହିଁ ସାମ୍ପ୍ରତିକ ଓଡ଼ିଆ କବିତାର ଇତିହାସ—'କବିତା ୧୯୬୨' ଅବଲମ୍ବନରେ ବିଚାର କର। 20

*(b)* ନିଜ ଅଭିମାନକୁ ଭଗବାନଙ୍କ ନିକଟରେ ପ୍ରକାଶ କରିବାରେ ମାନସିଂହଙ୍କ ପ୍ରଚେଷ୍ଟା ସ୍ମରଣୀୟ—'ଜୀବନ ଚିତା' ଅବଲମ୍ବନରେ ଆକଳନ କର। 15

*(c)* 'ସପ୍ତମ ଋତୁ'ର ରସସୌନ୍ଦର୍ଯ୍ୟ ଓ ମୃତ୍ୟୁଚେତନାର ମୂଲ୍ୟାଙ୍କନ କର। 15

## SECTION—B

**5.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 10×5=50

(a) 'କାଠଘୋଡ଼ା' ନାଟକର ନାଟ୍ୟଶୈଳୀର ମୂଲ୍ୟାଙ୍କନ କର। 10

(b) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ନାରୀଚରିତ୍ରର ବୈଚିତ୍ର୍ୟ ସମ୍ପର୍କରେ ଆଲୋକପାତ କର। 10

(c) ଉଚ୍ଚାଭିଳାଷୀ ଚାକିରିଆ ଜୀବନରେ ଉପରକୁ ଉଠିବାର ଗୋପନ ସୂତ୍ରଗୁଡ଼ିକୁ ନିଖୁଣଭାବେ ପରିବେଷଣ କରିବାରେ ଗୋପୀନାଥଙ୍କ ସିଦ୍ଧହସ୍ତତା ପ୍ରମାଣିତ କର। 10

(d) 'ଲକ୍ଷ୍ମୀର ଅଭିସାର' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ମନୋଜ ଦାସଙ୍କ ଗଳ୍ପର ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀକୁ ଆକଳନ କର। 10

(e) ଆତ୍ମନିଷ୍ଠ ପ୍ରାବନ୍ଧିକଭାବେ ଚନ୍ଦ୍ରଶେଖର ରଥଙ୍କ 'ମୁଁ ସତ୍ୟଧର୍ମା କହୁଛି'ର ସାର୍ଥକତା ପ୍ରତିପାଦନ କର। 10

**6.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ଆଧୁନିକ ମଣିଷର ଅସହାୟତା 'କାଠଘୋଡ଼ା' ନାଟକରେ କିପରି ପ୍ରକାଶିତ ହୋଇଛି, ଅନୁଶୀଳନ କର। 20

(b) 'ତଟନିରଞ୍ଜନା'ରେ ନାଟ୍ୟକାରଙ୍କ ଭାବଚେତନା ଉପରେ ଆଲୋକପାତ କର। 15

(c) ଓଡ଼ିଆ ଉପନ୍ୟାସରେ ସାମାଜିକ ବାସ୍ତବବାଦ (Social realism)ର ଆଦ୍ୟ ପ୍ରବର୍ତ୍ତକ ହେଉଛନ୍ତି ଫକୀରମୋହନ— 'ଛ'ମାଣ ଆଠଗୁଣ୍ଠ' ଅବଲମ୍ବନରେ ପ୍ରମାଣ କର। 15

**7.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ସମସାମୟିକ ଜୀବନାଦର୍ଶ ମଧ୍ୟରେ ଐତିହାସିକ ଘଟଣାକୁ ରୂପାୟିତ କରିବାରେ ନାଟ୍ୟକାର ବିଜୟ ମିଶ୍ରଙ୍କ ସାର୍ଥକତା 'ତଟନିରଞ୍ଜନା' ନାଟକ ଅବଲମ୍ବନରେ ବିଚାର କର। 20

(b) ଜୀବନ ଜିଜ୍ଞାସାର ଗଭୀରତା ଓ ବିସ୍ତୃତିକୁ ଗୋପୀନାଥ ମହାନ୍ତି 'ଦାନାପାଣି' ଉପନ୍ୟାସରେ କିପରି ରୂପାୟିତ କରିଛନ୍ତି, ଦର୍ଶାଅ। 15

(c) ''ମାନବୀୟ ପ୍ରବୃତ୍ତି ଓ ମାନସିକତାର ସୂକ୍ଷ୍ମ ବିଶ୍ଳେଷଣ ହେତୁ କ୍ଷୁଦ୍ରଗଳ୍ପ ଚିତ୍ତାକର୍ଷକ ସାହିତ୍ୟିକ ରୂପ ଲାଭ କରେ''— 'ମରାଳର ମୃତ୍ୟୁ' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ପ୍ରତିପାଦନ କର। 15

**8.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପରେ ପ୍ରକାଶିତ ବ୍ୟକ୍ତି ଜୀବନର ବିଡ଼ମ୍ବିତ ଚିତ୍ରର ସ୍ୱରୂପ 'ଲକ୍ଷ୍ମୀର ଅଭିସାର' ଅବଲମ୍ବନରେ ସମୀକ୍ଷା କର। 20

(b) ସରଳତା ଓ ବୌଦ୍ଧିକତାର ସମାହାରରେ ଚିତ୍ତରଞ୍ଜନ ଦାସଙ୍କ ପରାକାଷ୍ଠାକୁ 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥର ପଠିତାଂଶ ଆଧାରରେ ପ୍ରତିପାଦନ କର। 15

(c) 'ମୁଁ ସତ୍ୟଧର୍ମା କହୁଛି'ରେ ଚନ୍ଦ୍ରଶେଖର ରଥଙ୍କ ବିଷୟ ଉପସ୍ଥାପନ କୌଶଳ ଓ ଭାଷା ପ୍ରୟୋଗର ଚମତ୍କାର ଭଙ୍ଗୀକୁ ବିବେଚନା କର। 15

★★★

CS (MAIN) Exam : 2017

CS (MAIN) Exam : 2017

STH-D-ODA

# ଓଡ଼ିଆ / ODIA

## ପତ୍ର II / Paper II

## ( ସାହିତ୍ୟ ) / ( LITERATURE )

| | |
|---|---|
| ସମୟ : ତିନି ଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
| *Time Allowed : **Three Hours*** | *Maximum Marks : **250*** |

### ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର:**

ଏଥିରେ ପ୍ରଦତ୍ତ **ଆଠୋଟି** ପ୍ରଶ୍ନ **ଦୁଇଟି** ଭାଗରେ ବିଭକ୍ତ ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରଥମ **1** ଓ ପଞ୍ଚମ **5** ପ୍ରଶ୍ନ ବାଧ୍ୟତାମୂଳକ । ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୁନ **ଗୋଟିଏ** ପ୍ରଶ୍ନ ସହ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** ଲେଖିବାକୁ ହେବ ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପ ଭାବେ ପ୍ରଦାନ କରିବା ବିଧେୟ ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ଉଚିତ ।

ସ୍ପଷ୍ଟରୂପେ କଟାଯାଇ ନଥିଲେ, ଆଂଶିକ ଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ ।

ଉତ୍ତର ପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କାଳିରେ କଟାଯିବା ବିଧେୟ ।

### Question Paper Specific Instructions

***Please read each of the following instructions carefully before attempting questions :***

*There are **EIGHT** questions divided in **TWO SECTIONS**.*

*Candidate has to attempt **FIVE** questions in all.*

*Question nos. **1** and **5** are compulsory and out of the remaining, any **THREE** are to be attempted choosing at least **ONE** from each section.*

*The number of marks carried by a question / part is indicated against it.*

*Answers must be written in **ODIA (Odia script)**.*

*Word limit in questions, wherever specified, should be adhered to.*

*Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Question-cum-Answer Booklet must be clearly struck off.*

## SECTION A

**Q1.** **ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ) :** *10×5=50*

(a) ମହାଭାରତରେ 'ଶାନ୍ତିପର୍ବ' ର ବୈଶିଷ୍ଟ୍ୟ ବିଚାର କର । *10*

(b) ଭାଗବତରେ ଅବଧୂତଙ୍କ କପୋତ ଗୁରୁର ତାତ୍ପର୍ଯ୍ୟ ବ୍ୟାଖ୍ୟା କର । *10*

(c) 'ଚନ୍ଦ୍ରଭାଗା' କାବ୍ୟରେ ରାଧାନାଥଙ୍କ ବିୟୋଗାନ୍ତକ (ଟ୍ରାଜିକ) ମାନସିକତାର ପରିଚୟ ପ୍ରଦାନ କର । *10*

(d) 'ଲାବଣ୍ୟବତୀ' ର ପ୍ରଥମଛାନ୍ଦ ସମଗ୍ର କାବ୍ୟର ମୁଖବନ୍ଧ – ପ୍ରମାଣ କର । *10*

(e) ରମାକାନ୍ତଙ୍କ 'ସପ୍ତମଋତୁ' ରେ ପ୍ରତିଫଳିତ କବିତ୍ୱ ସଂପର୍କରେ ଆଲୋକପାତ କର । *10*

**Q2.** **ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** **50**

(a) ସୁଶାସନ ନିମିତ୍ତ ଭୀଷ୍ମଙ୍କ ଉପଦେଶ ବାଣୀ କେତେଦୂର ସହାୟକ, 'ଶାନ୍ତିପର୍ବ' ଅବଲମ୍ବନରେ ଆଲୋଚନା କର । *20*

(b) 'ରସକଲ୍ଲୋଳର' କାବ୍ୟଲାଳିତ୍ୟ ପଠିତାଂଶ ଅବଲମ୍ବନରେ ବିବେଚନା କର । *15*

(c) ଈଶ୍ୱର ଅନ୍ତରରୁ ଅନ୍ତରୀକ୍ଷଯାଏ ସର୍ବତ୍ର ବିଦ୍ୟମାନ – 'ଜୀବନଚିତା' ଅବଲମ୍ବନରେ ଆଲୋଚନା କର । *15*

**Q3.** **ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** **50**

(a) 'ରସକଲ୍ଲୋଳ' ର ନିର୍ଦ୍ଧାରିତ ଅଂଶଭିତ୍ତିରେ ଦୀନକୃଷ୍ଣଙ୍କ କବିତ୍ୱ ମୂଲ୍ୟାୟନ କର । *20*

(b) 'ଲାବଣ୍ୟବତୀ' ରୀତିଯୁଗୀୟ କାବ୍ୟର ଆଦର୍ଶ ସତ୍ୟତା ପ୍ରମାଣ କର । *15*

(c) ବାକ୍‌ରୀତ ସହିତ କାବ୍ୟରୀତିର ସମନ୍ୱୟ ହେଉଛି ଆଧୁନିକ କବିତାର ପ୍ରାଣଧର୍ମ – ଉକ୍ତିର ଯଥାର୍ଥତା 'କବିତା 1962' ଅବଲମ୍ବନରେ ଆଲୋଚନା କର । *15*

Q4. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । 50

(a) 'ସପ୍ତମ ଋତୁ' ରେ ପ୍ରକାଶିତ ମୃତ୍ୟୁଚେତନା ରମାକାନ୍ତଙ୍କ କବିତାର ଅନ୍ୟତମ ବୈଶିଷ୍ଟ୍ୟ ବିଶ୍ଳେଷଣ କର । 20

(b) 'ଚନ୍ଦ୍ରଭାଗା' କାବ୍ୟ ଅବଲମ୍ବନରେ ରାଧାନାଥଙ୍କ ସୌନ୍ଦର୍ଯ୍ୟବୋଧର ପରିଚୟ ପ୍ରଦାନ କର । 15

(c) 'ଯଦୁ-ଅବଧୂତ ସଂବାଦ' ରେ ଚବିଶଗୁରୁ ପ୍ରସଂଗର ତାତ୍ପର୍ଯ୍ୟ ବିଚାର କର । 15

## SECTION B

Q1. **Q5. ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ) :** *10×5=50*

(a) 'ଛମାଣ ଆଠଗୁଣ୍ଠ' ର ଭାଷାଶୈଳୀଗତ ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କର । *10*

(b) 'ଦାନାପାଣି' ଉପନ୍ୟାସରେ ସରୋଜିନୀ ଚରିତ୍ରର ମୂଲ୍ୟାଙ୍କନ କର । *10*

(c) 'ମୁଁ ସତ୍ୟଧର୍ମା କହୁଛି' ର ପଠିତାଂଶ ଅବଲମ୍ବନରେ ଉନ୍ନତ ଦାର୍ଶନିକ ଚେତନା ଓ ମାନବିକ ମୂଲ୍ୟବୋଧର ସୀମା ଓ ସ୍ୱରୂପ ନିର୍ଦ୍ଧାରଣ କର । *10*

(d) 'ଲକ୍ଷ୍ମୀର ଅଭିସାର' ଗଳ୍ପ ଗ୍ରନ୍ଥରେ ସ୍ଥାନିତ କନ୍ୟାୟନ ଗଳ୍ପରେ ଯାନ୍ତ୍ରିକ ସଭ୍ୟତା ପ୍ରତି ଲେଖକଙ୍କ ଦୃଷ୍ଟିଭଂଗୀ ବିଶ୍ଳେଷଣ କର । *10*

(e) 'ତଟ ନିରଂଜନା' ରେ ନାଟ୍ୟକାରଙ୍କ ଦୃଷ୍ଟିଭଂଗୀ ସଂପର୍କରେ ଆଲୋଚନା କର । *10*

Q2. **Q6. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** *50*

(a) 'କାଠଘୋଡ଼ା' ଆଧୁନିକ ନାଟକର ମନନଶୀଳତା ଓ ପାରଂପରିକ ଓଡ଼ିଆ ଯାତ୍ରା ଆଙ୍ଗିକରେ ରଚିତ – ଆଲୋଚନା କର । *20*

(b) 'ତରଙ୍ଗ ଓ ତଡିତ୍' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ଚିତରଂଜନଙ୍କ ଗଦ୍ୟଶୈଳୀ ପ୍ରତିପାଦନ କର । *15*

(c) 'ଛମାଣ ଆଠଗୁଣ୍ଠ' ର ଖଳ ଚରିତ୍ର ସୃଷ୍ଟିରେ ଫକୀରମୋହନଙ୍କ ସ୍ୱାତନ୍ତ୍ର୍ୟ ନିରୂପଣ କର । *15*

Q3. **Q7. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।** *50*

(a) 'ଦାନାପାଣି' ଉପନ୍ୟାସରେ ଆଧୁନିକ ମଣିଷର ଉଚ୍ଚାଙ୍କାକ୍ଷା ପ୍ରତି ରହିଛି ସୂକ୍ଷ୍ମଇଂଗିତ – ପ୍ରତିପାଦନ କର । *20*

(b) 'ମରାଳର ମୃତ୍ୟୁ' ସଂକଳନ ଅବଲମ୍ବନରେ ଆଧୁନିକ ମଣିଷର ସଂଭାବନାହୀନ ଶୂନ୍ୟଗର୍ଭମୂଳକ ଜୀବନବୋଧର ପରିଚୟ ପ୍ରଦାନ କର । *15*

(c) ନବ୍ୟଇତିହାସବାଦ ଦୃଷ୍ଟିକୋଣରୁ 'ତଟନିରଂଜନା' ନାଟକର ବିବେଚନା କର । *15*

Q୫. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର । 50

(a) ଏକ ପ୍ରତୀକାତ୍ମକ ନାଟକ ଭାବରେ 'କାଠଘୋଡ଼ା' କୁ ଆଲୋଚନା କର । 20

(b) ଜୀବନରେ ସତ୍ୟର ମୁଖ୍ୟବନ୍ଧାପନା ପାଇଁ ଯେଉଁ ସଂଗ୍ରାମ ଲୋଡ଼ା, ସେ ସଂପର୍କରେ 'ମୁଁ ସତ୍ୟଧର୍ମା କହୁଛି' କୁ–ଭିତ୍ତି କରି ବିବେଚନା କର । 15

(c) 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରେ ମନୁଷ୍ୟର ଅସହାୟତାର ଚିତ୍ର ପ୍ରକାଶିତ – ସଦୃଷ୍ଟାନ୍ତ ପ୍ରତିପାଦନ କର । 15

CS (MAIN) EXAM:2018

**EGT–D–ODA**

**ଓଡ଼ିଆ (ପତ୍ର—II)**

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
|---|---|

**ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ**

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

**1.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ''ନୀତି ଓ ନିୟମ ସୁଶାସନ ଲାଗି ଏକାନ୍ତ ଦରକାର।'' 'ଶାନ୍ତିପର୍ବ' ଅବଲମ୍ବନରେ ବିଶ୍ଳେଷଣ କର।

*(b)* ''ଭାଗବତର ପ୍ରତିଟି ପଦ ଓଡ଼ିଆଙ୍କ ଜନଜୀବନ ବେଦୀରେ ଅସ୍ମିତାର ମହାମନ୍ତ୍ର।'' ବ୍ୟାଖ୍ୟା କର।

*(c)* ଓଭିଡ୍‌ଙ୍କ ଆପୋଲୋ ଓ ଡାଫନୀର କାହାଣୀର ଆଧାରରେ 'ଚନ୍ଦ୍ରଭାଗା'ର କଥାବସ୍ତୁ ପରିକଳ୍ପିତ। ସତ୍ୟତା ପ୍ରମାଣ କର।

*(d)* ଇଷ୍ଟଦେବ ସ୍ତୁତି, ବିଷୟ ବର୍ଣ୍ଣନା, ଖଳନିନ୍ଦା ଓ ସାଧୁମାନଙ୍କର ପ୍ରଶସ୍ତି। 'ଲାବଣ୍ୟବତୀ'ର ପଠିତାଂଶ ଅବଲମ୍ବନରେ ଆଲୋଚନା କର।

*(e)* 'ଜୀବନ ଚିତା' କବିତା ଅବଲମ୍ବନରେ କବିଙ୍କର ଆଧ୍ୟାତ୍ମିକ ଚେତନାର ପ୍ରତିଫଳନ ଉପରେ ଆଲୋକପାତ କର।

**2.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ସାରଳା ମହାଭାରତ ଏକ ମୌଳିକ ଗ୍ରନ୍ଥ।'' 'ଶାନ୍ତିପର୍ବ' ଅବଲମ୍ବନରେ ଆଲୋଚନା କର। 20

*(b)* ପଦାନ୍ତରହୀନ ପଦଲାଳିତ୍ୟ ହେଉଛି ରସକଲ୍ଲୋଳ କାବ୍ୟ-ସୌଷ୍ଠବର ଅନନ୍ୟ ବୈଶିଷ୍ଟ୍ୟ। ବିଚାର କର। 15

*(c)* 'ଜୀବନ ଚିତା' କବି ମାୟାଧର ମାନସିଂହଙ୍କ ଜୀବନବୋଧର ପ୍ରତିଲିପି। ପ୍ରତିପାଦନ କର। 15

**3.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ନିଖୁଣ କାବ୍ୟ-କୌଶଳ ଏବଂ କଥାବସ୍ତୁର ପରିପୂର୍ଣ୍ଣ ଉପସ୍ଥାପନା ଦୃଷ୍ଟିରୁ 'ରସକଲ୍ଲୋଳ' ଏକ ଅନବଦ୍ୟ ସୃଷ୍ଟି। ବିଶ୍ଳେଷଣ କର। 20

*(b)* ଲାବଣ୍ୟବତୀର ପୂର୍ବଜନ୍ମବୃତ୍ତାନ୍ତ ସମ୍ପର୍କରେ ଆଲୋଚନା କର। 15

*(c)* ପ୍ରୟୋଗବାଦୀ କାବ୍ୟଧାରାର ଶିଳ୍ପଚାତୁର୍ଯ୍ୟ ସମ୍ବଳିତ ବୌଦ୍ଧିକ ସୃଷ୍ଟି 'କବିତା ୧୯୬୨'। ସମୀକ୍ଷା କର। 15

**4.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ରମାକାନ୍ତ ରଥଙ୍କ 'ସପ୍ତମ ଋତୁ' ମରଣୋତ୍ତର ଏକ ଅଜଣା ଅନାହ୍ୱାବାଟର ସନ୍ଧାନ ପଥରେ।'' ବିଚାର କର। 20

*(b)* 'ଚନ୍ଦ୍ରଭାଗା' ଅବଲମ୍ବନରେ କବି ରାଧାନାଥଙ୍କର ପ୍ରକୃତି ପ୍ରାଣତାର ପରିଚୟ ପ୍ରଦାନ କର। 15

*(c)* ''ଗୁରୁ ହିଁ ଜୀବନର ମାର୍ଗଦର୍ଶକ।'' 'ଯଦୁ ଅବଧୂତ ସଂବାଦ' ଅବଲମ୍ବନରେ ତାତ୍ପର୍ଯ୍ୟ ବିଚାର କର। 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ''ପୁଣ୍ୟର ଜୟ, ଏବଂ ପାପର କ୍ଷୟ''—ଏହି ଦର୍ଶନ ଉପରେ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ପରିକଳ୍ପନା। ଆଲୋଚନା କର।

*(b)* 'ଦାନାପାଣି' ଉପନ୍ୟାସ ଅବଲମ୍ବନରେ ତତ୍କାଳୀନ ସମାଜର ଚିତ୍ର ପ୍ରଦାନ କର।

*(c)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରେ କାବ୍ୟିକ ଓ ନାଟକୀୟତାର ମଧୁର ସମନ୍ୱୟ ଦୃଷ୍ଟିଗୋଚର ହୁଏ। ବିଶ୍ଳେଷଣ କର।

*(d)* ''ପରକାଳରେ ଏ ପାପିଷ୍ଠ ଯେଙ୍କେ ଜିହ୍ୱାହୀନ ହୋଇ ଜନ୍ମିବ ହେଉ।'' 'ଲକ୍ଷ୍ମୀର ଅଭିସାର' ଗଳ୍ପ ଅବଲମ୍ବନରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ବିଶ୍ଳେଷଣ କର।

*(e)* 'ତଟ ନିରଂଜନା' ଇତିହାସ, ପୁରାଣ ଓ ଆଧୁନିକତାର ଏକ ମଧୁର ସମନ୍ୱୟ—ଆଲୋଚନା କର।

**6.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ପରୀକ୍ଷାମୂଳକ ନାଟକ ଭାବରେ 'କାଠଘୋଡ଼ା'ର ବୈଶିଷ୍ଟ୍ୟ ଦର୍ଶାଅ। 20

*(b)* ବସ୍ତୁବାଦୀ ସଭ୍ୟତାର ପ୍ରୋତ୍ସାହନ ସରୋଜିନୀକୁ କିପରି ନର୍କଗାମୀ କରିଛି, 'ଦାନାପାଣି' ଉପନ୍ୟାସ ଅବଲମ୍ବନରେ ଆଲୋଚନା କର। 15

*(c)* ଓଡ଼ିଶାର କୃଷିଭିତ୍ତିକ ସମାଜରେ ଜମିଦାରୀ ଦୌରାତ୍ମ୍ୟର ନିଖୁଣ ଚିତ୍ର 'ଛ'ମାଣ ଆଠଗୁଣ୍ଠ'ରେ କିପରି ବର୍ଣ୍ଣିତ, ପ୍ରମାଣ କର। 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ଶିକ୍ଷା ଯୁଗ ଅନୁସାରେ ହେବା ଉଚିତ୍।'' 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥ ଅବଲମ୍ବନରେ ଏହାର ସାର୍ଥକତା ବିଚାର କର। 20

*(b)* ଧର୍ମ ଓ ଈଶ୍ୱରବିଶ୍ୱାସ କିପରି ସମାଜରୁ ନିର୍ବାସିତ ହୋଇଯାଇଛି ତା'ର ଚିତ୍ର 'ମରାଳର ମୃତ୍ୟୁ' ସଂକଳନ ଅବଲମ୍ବନରେ ପ୍ରତିପାଦନ କର। 15

*(c)* '' 'ତଟ ନିରଂଜନା'ର ବୁଦ୍ଧ ସର୍ବଶେଷ ବୁଦ୍ଧ ନୁହନ୍ତି।'' ବିବେଚନା କର। 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ମରାଳର ମୃତ୍ୟୁ' ଗଳ୍ପ ସଂକଳନ ଅବଲମ୍ବନରେ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାଶୈଳୀ ଓ ବିଷୟ ବିନ୍ୟାସର ସ୍ୱାତନ୍ତ୍ର୍ୟ ବିଚାର କର। 20

*(b)* ସମାଜ ଓ ଜୀବନର ନିଗୂଢ଼ ସତ୍ୟର ଅନୁସନ୍ଧାନ ସଂପର୍କରେ 'ମୁଁ ସତ୍ୟଧର୍ମା କହୁଛି'କୁ ଭିତ୍ତି କରି ବିବେଚନା କର। 15

*(c)* ନେତା ଓ ପୂଜକ କିପରି ପରମ୍ପରାଗତ ଧାର୍ମିକ ବିଶ୍ୱାସକୁ କୁଠାରଘାତ କରିଛନ୍ତି, 'ଲକ୍ଷ୍ମୀର ଅଭିସାର' ଗଳ୍ପ ଅବଲମ୍ବନରେ ଆଲୋଚନା କର। 15

★ ★ ★

# ଓଡ଼ିଆ (ପତ୍ର—II)

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
|---|---|

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

# ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

## SECTION—A

**1.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ସାରଳା ମହାଭାରତର 'ଶାନ୍ତିପର୍ବ' ଅବଲମ୍ବନରେ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକର ଚିତ୍ର ପ୍ରଦାନ କର।

*(b)* ଭାଗବତରେ ଥିବା ଅବଧୂତଙ୍କ ଚବିଶଗୁରୁଙ୍କର ନାମୋଲ୍ଲେଖ କରି ବ୍ରାହ୍ମଣ କନ୍ୟା ପ୍ରସଂଗଟିର ତାତ୍ପର୍ଯ୍ୟ ବୁଝାଇ ଦିଅ।

*(c)* 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦର ଗୁରୁତ୍ୱ ପ୍ରତିପାଦନ କର।

*(d)* ପ୍ରକୃତିର ଅନୁପମ ଚିତ୍ର ପ୍ରଦାନରେ ରାଧାନାଥଙ୍କ କୃତିତ୍ୱ 'ଚନ୍ଦ୍ରଭାଗା' କାବ୍ୟ ଅବଲମ୍ବନରେ ଆଲୋଚନା କର।

*(e)* ନୂତନ କବିତାର ଭୂମିକା ପ୍ରସ୍ତୁତି ଦିଗରେ 'କବିତା-୧୯୬୨'ର ଗୁରୁତ୍ୱ ଦର୍ଶାଅ।

**2.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ଜଣେ ପ୍ରଜାପାଳକ ନୀତିନିଷ୍ଠ ରାଜାର ଆଦର୍ଶ ସଂପର୍କରେ ଭୀଷ୍ମ 'ଶାନ୍ତିପର୍ବ'ରେ ଯେଉଁ ଉପଦେଶ ଦେଇଛନ୍ତି, ତାହା ଆଲୋଚନା କର। 20

*(b)* 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ଦୀନକୃଷ୍ଣଙ୍କର କବିତ୍ୱର ବିମଳ ପରିଚୟ ଦିଅ। 15

*(c)* ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟାଦର୍ଶର ଅପୂର୍ବ ସମନ୍ୱୟ ହେଉଛି ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟ—ଆଲୋଚନା କର। 15

**3.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଯଦୁ ଅବଧୂତ ସଂବାଦ'ରୁ ଅବଧୂତଙ୍କର ଚାରିତ୍ରିକ ମହତ୍ତ୍ୱ ପ୍ରତିପାଦନ କର। 20

*(b)* 'ଲାବଣ୍ୟବତୀ'ର ପଠିତାଂଶ ଭିତ୍ତିରେ ଭଂଜୀୟ କାବ୍ୟାଦର୍ଶର ପରିଚୟ ଦିଅ। 15

*(c)* ଶକ୍ତିଶାଳୀ ଚିତ୍ରକଳ୍ପଗୁଡ଼ିକର ସଂଯୋଜନା 'ସପ୍ତମ ଋତୁ'ର କାବ୍ୟଭାବନାକୁ ବଳିଷ୍ଠ କରିଛି। ଏହାର ଯଥାର୍ଥତା ପ୍ରତିପାଦନ କର। 15

**4.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'କବିତା-୧୯୬୨'ରେ ସ୍ଥାନିତ କବିତା ଗୁଡ଼ିକରେ ଆଧୁନିକ କାଳର ଜଟିଳ ଜୀବନବୋଧର ସଂଧାନ ଯେପରି ରୂପାୟିତ, ତାହା ବିଶ୍ଳେଷଣ କର। 20

*(b)* 'ଜୀବନଚିତା'ର ଦାର୍ଶନିକ ଆଭିମୁଖ୍ୟ ବିଚାର କର। 15

*(c)* ଲଳିତ ପଦାବଳୀର ଅପୂର୍ବ ଆଲେଖ୍ୟ 'ରସକଲ୍ଲୋଳ' କାବ୍ୟ। ପଠିତାଂଶ ଭିତ୍ତିରେ ଆଲୋଚନା କର। 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

(*a*) ଚମ୍ପା ଚରିତ୍ରର ବିଭୀଷିକାମୟ ଦିଗ 'ଛମାଣ ଆଠଗୁଣ୍ଠ' ଅବଲମ୍ବନରେ ପ୍ରକାଶ କର।

(*b*) ଦାନାପାଣିର ଯୁଦ୍ଧରେ ଅବତୀର୍ଣ୍ଣ ଚାକିରିଜୀବୀର ମାନସିକତା 'ଦାନାପାଣି' ଉପନ୍ୟାସରେ ଯେପରି ରୂପପାଇଛି ତାହା ଦର୍ଶାଅ।

(*c*) ଲୋକ ଉପାଦାନର ବଳିଷ୍ଠ ସଂଯୋଗ 'କାଠଘୋଡ଼ା' ନାଟକର ମଂଚକଳା ଓ ବକ୍ତବ୍ୟକୁ ଶାଣିତ କରିଛି। ଆଲୋଚନା କର।

(*d*) ପ୍ରତୀକଧର୍ମୀ ଗଳ୍ପ ଭାବରେ 'ମରାଳର ମୃତ୍ୟୁ'ର ମୂଲ୍ୟାଙ୍କନ କର।

(*e*) 'ତରଂଗ ଓ ତଡ଼ିତ୍'ରେ ଥିବା ପ୍ରଥମ ପାଞ୍ଚୋଟି ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ ଅବଲମ୍ବନରେ ଚିତ୍ତରଂଜନଙ୍କ ପ୍ରବନ୍ଧ ଶୈଳୀର ପରିଚୟ ଦିଅ।

**6.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(*a*) 'ତଟ ନିରଂଜନା' ନାଟକରୁ ଇଚ୍ଛାମତୀ ଚରିତ୍ରର ସ୍ୱରୂପ ପ୍ରତିପାଦନ କର। 20

(*b*) ମାନବବାଦୀ ଚେତନାର ଜଣେ ସାର୍ଥକ ରୂପକାର ହେଉଛନ୍ତି ମନୋଜ ଦାସ, ସ୍ରଷ୍ଟାଙ୍କର 'ଲକ୍ଷ୍ମୀର ଅଭିସାର' ଅବଲମ୍ବନରେ ଏହା ଆଲୋଚନା କର। 15

(*c*) ଜଟିଳ ଓ ସୂକ୍ଷ୍ମ ମନସ୍ତତ୍ତ୍ୱର ରୂପାୟନ ଦୃଷ୍ଟିରୁ ସୁରେନ୍ଦ୍ରଙ୍କର ଗଳ୍ପକଳାର ଚାତୁରୀ 'ମରାଳର ମୃତ୍ୟୁ'ରେ ସ୍ଥାନିତ ଗଳ୍ପଗୁଡ଼ିକରୁ ଦର୍ଶାଅ। 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(*a*) 'ଛମାଣ ଆଠଗୁଣ୍ଠ' ଉପନ୍ୟାସ ଅବଲମ୍ବନରେ ସମକାଳୀନ ସମାଜର ସ୍ୱରୂପ ପ୍ରତିପାଦନ କର। 20

(*b*) ପ୍ରଚଳିତ ନାଟ୍ୟଧାରାରେ ମନୋରଞ୍ଜନ ଦାସଙ୍କ 'କାଠଘୋଡ଼ା' ଏକ ବ୍ୟତିକ୍ରମ। ଆଲୋଚନା କର। 15

(*c*) 'ମୁଁ ସତ୍ୟଧର୍ମା କହୁଛି'ର ପଠିତାଂଶ ଅବଲମ୍ବନରେ ପ୍ରାବଂଧିକଙ୍କ ଦାର୍ଶନିକ ବିଚାରଧାରା ଓ ମାନବବାଦୀ ଆଭିମୁଖ୍ୟର ପରିଚୟ ଦିଅ। 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(*a*) ସରୋଜିନୀର ମନସ୍ତତ୍ତ୍ୱ ଚିତ୍ରଣରେ ଔପନ୍ୟାସିକଙ୍କର ଦକ୍ଷତା ବିଚାର କର। 20

(*b*) ମନୋଜ ଦାସଙ୍କ ଗଳ୍ପକଳାର ବୈଶିଷ୍ଟ୍ୟ 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରୁ ଆଲୋଚନା କର। 15

(*c*) 'ତରଂଗ ଓ ତଡ଼ିତ୍'ର ପଠିତାଂଶ ଅବଲମ୍ବନରେ ପ୍ରାବଂଧିକ ଚିତ୍ତରଂଜନ ଦାସଙ୍କ ଗଭୀର ଜୀବନ ଦୃଷ୍ଟିର ପରିଚୟ ଦିଅ। 15

★★★

# ଓଡ଼ିଆ (ପତ୍ର—II)

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
|---|---|

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

# ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

## SECTION—A

1. ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

   *(a)* 'ଶାନ୍ତିପର୍ବ'ରେ ରାଜ୍ୟଶାସନର କେଉଁ ଦିଗପ୍ରତି ସଚେତନ ରହିବାକୁ ଯୁଧିଷ୍ଠିରଙ୍କୁ ଭୀଷ୍ମ ଉପଦେଶ ଦେଇଛନ୍ତି—ଆଲୋଚନା କର।

   *(b)* ଭାଗବତରେ ଯଦୁ-ଅବଧୂତ ସଂବାଦରୁ ଅବଧୂତଙ୍କ ଚବିଶଗୁରୁ ଗ୍ରହଣର ଯଥାର୍ଥତା ପ୍ରତିପାଦନ କର।

   *(c)* 'ଚନ୍ଦ୍ରଭାଗା' କାବ୍ୟରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଆଲୋଚନା କର।

   *(d)* 'ଲାବଣ୍ୟବତୀ' କାବ୍ୟର ପ୍ରଥମ ଛାନ୍ଦରୁ ଭଞ୍ଜ-କାବ୍ୟକୌଶଳର ସ୍ୱରୂପ ନିର୍ଣ୍ଣୟ କର।

   *(e)* 'ସପ୍ତମ ଋତୁ' କବିତାଗ୍ରନ୍ଥରେ ରମାକାନ୍ତ ରଥଙ୍କ ଜୀବନଦୃଷ୍ଟି ଆଲୋଚନା କର।

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   *(a)* 'ରସକଲ୍ଲୋଳ'ର ପଠିତାଂଶରୁ କବିଙ୍କ ଜୀବନଦର୍ଶନ ଓ କାବ୍ୟଦୃଷ୍ଟିର ପରିଚୟ ଦିଅ। 20

   *(b)* ରାଧାନାଥ ରୂପପ୍ରାଣ କବି-ଚନ୍ଦ୍ରଭାଗା କାବ୍ୟ ଅବଲମ୍ବନରେ ପ୍ରମାଣ କର। 15

   *(c)* ଆଧୁନିକ କବିତାର ପ୍ରାଣଧର୍ମ କିପରି 'କବିତା-1962'ର କାବ୍ୟରୀତିରେ ନିହିତ ବିଶ୍ଳେଷଣ କର। 15

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   *(a)* 'ଲାବଣ୍ୟବତୀ'ର ପ୍ରଥମଛାନ୍ଦରୁ କାବ୍ୟର କଥାବସ୍ତୁ ଓ ଶୈଳୀର ସଙ୍କେତ ମିଳେ—ଆଲୋଚନା କର। 20

   *(b)* ଭଗ୍ନ କୋଣାର୍କ ମନ୍ଦିର ସହିତ ସୂର୍ଯ୍ୟଦେବତାଙ୍କ ସମ୍ପର୍କ 'ଚନ୍ଦ୍ରଭାଗା' ଅବଲମ୍ବନରେ ବିଚାର କର। 15

   *(c)* 'ଜୀବନଚିତା' କବିତାରୁ ଐଶ୍ୱରିକ ଅନୁଭବର ବ୍ୟାଖ୍ୟା କର। 15

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

   *(a)* ସାରଳା ମହାଭାରତରେ 'ଶାନ୍ତିପର୍ବ' ନାମକରଣର ସାର୍ଥକତା ଦର୍ଶାଅ। 20

   *(b)* 'ଲାବଣ୍ୟବତୀ' କାବ୍ୟରେ ଶିବପାର୍ବତୀଙ୍କ ପ୍ରସଙ୍ଗ ପ୍ରଥମ ଛାନ୍ଦରୁ କିପରି କଥାବସ୍ତୁକୁ ନିୟନ୍ତ୍ରିତ କରିଛି—ସମୀକ୍ଷା କର। 15

   *(c)* 'ସପ୍ତମ ଋତୁ' କବିତାଗ୍ରନ୍ଥରୁ ବାକ୍ରୀତିର ପ୍ରୟୋଗରେ କବିଙ୍କ କୃତିତ୍ୱ ଦର୍ଶାଅ। 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* 'କାଠଘୋଡ଼ା' ନାଟକରେ ଲୋକନାଟକ ଶୈଳୀର ଉପଯୋଗୀତା ବିଚାର କର ।

*(b)* 'ଦାନାପାଣି' ଉପନ୍ୟାସରେ ବସ୍ତୁବାଦୀ ଜୀବନସଂଘର୍ଷର ଚିତ୍ର କିପରି ରୂପାୟିତ—ବିଶ୍ଳେଷଣ କର ।

*(c)* 'ଛ'ମାଣ ଆଠଗୁଣ୍ଠ'ରେ 'ଅସୁରଦୀଘି' ପରିଚ୍ଛେଦଟିର ଉପଯୋଗୀତା ବିଚାର କର ।

*(d)* 'ମରାଳର ମୃତ୍ୟୁ' ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର ।

*(e)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ନିର୍ଣ୍ଣୟ କର ।

**6.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :

*(a)* ସଇତାନ ଚରିତ୍ରଗୁଡ଼ିକ ଫକୀରମୋହନଙ୍କ ଖୁବ ପ୍ରଭାବଶାଳୀ—'ଛ'ମାଣ ଆଠଗୁଣ୍ଠ' ଅବଲମ୍ବନରେ ବିଚାର କର । 20

*(b)* 'କାଠଘୋଡ଼ା' ନାଟକର ପରୀକ୍ଷାଧର୍ମୀ ଦୃଷ୍ଟିକୋଣର ପରିଚୟ ଦିଅ । 15

*(c)* 'ତରଙ୍ଗ ଓ ତଡ଼ିତ୍'ର ପଠିତାଂଶରୁ ଚିତ୍ତରଞ୍ଜନ ଦାସଙ୍କ ଗଦ୍ୟଶୈଳୀର ପରିଚୟ ଦିଅ । 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଦାନାପାଣି' ଉପନ୍ୟାସରେ ବଞ୍ଚିବାର ସଂଘର୍ଷ ଭିତରେ ମାନବିକ ମୂଲ୍ୟବୋଧର ଅବକ୍ଷୟ କିପରି ରୂପାୟିତ—ଦର୍ଶାଅ । 20

*(b)* 'ମରାଳର ମୃତ୍ୟୁ' ଗଳ୍ପରେ ସୁରେନ୍ଦ୍ରଙ୍କ ଗଳ୍ପକଳାର ସାର୍ଥକତା ପରୀକ୍ଷା କର । 15

*(c)* 'ତଟ ନିରଞ୍ଜନା' ନାଟକର ମଞ୍ଚମୂଲ୍ୟ ନିର୍ଣ୍ଣୟ କର । 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଶିଶୁମନର ସରଳତା ବିରୋଧରେ ସ୍ୱାର୍ଥପର ମଣିଷର ଜଟିଳତାର ପରିଣତି କିପରି ଭୟାବହ ହୋଇଛି—ବିଶ୍ଳେଷଣ କର । 20

*(b)* ବୌଦ୍ଧଯୁଗୀୟ ପୃଷ୍ଠଭୂମି ଆଧାରିତ 'ତଟ ନିରଞ୍ଜନା'ରୁ ଜୀବନ ଜିଜ୍ଞାସାର ଚିତ୍ର ଉପସ୍ଥାପନ କର । 15

*(c)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରୁ ଲଳିତନିବନ୍ଧର ଲକ୍ଷଣଗୁଡ଼ିକ ନିରୂପଣ କର । 15

★ ★ ★

# ଓଡ଼ିଆ (ପତ୍ର II) (ସାହିତ୍ୟ)

# ODIA (Paper II) (LITERATURE)

| | |
|---|---|
| *ସମୟ : ତିନି ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 250* |
| *Time Allowed : Three Hours* | *Maximum Marks : 250* |

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ ।

ଏଥିରେ ଦୁଇଟି ବିଭାଗରେ ବିଭକ୍ତ ସମୁଦାୟ ଆଠୋଟି ପ୍ରଶ୍ନ ପ୍ରଦତ୍ତ ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ । ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ ଗୋଟିଏ କରି ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ପ୍ରତ୍ୟେକ ପ୍ରଶ୍ନ/ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ ।

ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ (ଓଡ଼ିଆ ଲିପି) ଲେଖିବାକୁ ହେବ ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ । ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ । ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ ।

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

There are **EIGHT** questions divided in **TWO SECTIONS**.

Candidate has to attempt **FIVE** questions in all.

Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** question from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Question-cum-Answer Booklet must be clearly struck off.

## ବିଭାଗ 'A' SECTION 'A'

**1.** ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

**1.(a)** 'ଶାନ୍ତିପର୍ବ' ଅବଲମ୍ବନରେ ଭୀଷ୍ମ ଚରିତ୍ର ଉପରେ ଆଲୋକପାତ କର । 10

**1.(b)** 'ଯଦୁ-ଅବଧୂତ ସମ୍ବାଦ'ରେ ସମ୍ବାଦ ଓ ଉବାଚ୍ ଶବ୍ଦ ପ୍ରୟୋଗର ଯଥାର୍ଥତା ପ୍ରତିପାଦନ କର । 10

**1.(c)** 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ଗୋପୀମାନଙ୍କର ବିରହ ଅବସ୍ଥା ବର୍ଣ୍ଣନା କର । 10

**1.(d)** ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦର ଭାଷା-ଶୈଳୀ ସମ୍ପର୍କରେ ଯାହା ଉଲ୍ଲେଖ କରିଛନ୍ତି, ବର୍ଣ୍ଣନା କର । 10

1.(e) 'ଚନ୍ଦ୍ରଭାଗା' ଚରିତ୍ରରେ ପ୍ରକାଶିତ ନୂତନତ୍ୱ ଦର୍ଶାଅ । 10

2. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

2.(a) 'ଜୀବନଚିତା' ଆଧାରରେ ଦେବତା ପୂଜା ସମ୍ପର୍କରେ ମାୟାଧର ମାନସିଂହଙ୍କ ଦୃଷ୍ଟିକୋଣ ଦର୍ଶାଅ । 20

2.(b) 'ଚବିଶ ଗୁରୁ' ଗ୍ରହଣର ତାତ୍ପର୍ଯ୍ୟ ଆଲୋଚନା କର । 15

2.(c) 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ବର୍ଷାଋତୁ ବର୍ଣ୍ଣନାର ସଫଳତା ଦର୍ଶାଅ । 15

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

3.(a) 'କବିତା-୧୯୬୨' ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ଦିଗ ନିର୍ଣ୍ଣାୟକ — ଆଲୋଚନା କର । 20

3.(b) ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ଜନ୍ମ ବୃତ୍ତାନ୍ତ ପ୍ରଥମ ଛାନ୍ଦ ଅବଲମ୍ବନରେ ବର୍ଣ୍ଣନା କର । 15

3.(c) 'ଚନ୍ଦ୍ରଭାଗା'ରେ ବର୍ଣ୍ଣିତ ପ୍ରକୃତି ଉପରେ ଆଲୋକପାତ କର । 15

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

4.(a) 'ସପ୍ତମଋତୁ'ର ବିଶେଷତ୍ୱ ଉପରେ ଆଲୋକପାତ କର । 20

4.(b) 'ମହାଭାରତ'ରେ 'ଶାନ୍ତିପର୍ବ' ସଂଯୋଜନର ବୈଶିଷ୍ଟ୍ୟ ପ୍ରତିପାଦନ କର । 15

4.(c) 'ଜୀବନଚିତା'ରେ ପ୍ରତିଫଳିତ କବିଙ୍କ ଜୀବନ ଦୃଷ୍ଟି ଉପରେ ଆଲୋକପାତ କର । 15

## ବିଭାଗ 'B' SECTION 'B'

5. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

5.(a) 'କାଠଘୋଡ଼ା' ନାଟକର ନାମକରଣର ସାର୍ଥକତା ଦର୍ଶାଅ । 10

5.(b) 'ତଟନିରଞ୍ଜନା'ର ଗୌତମ ଚରିତ୍ରର ବୈଶିଷ୍ଟ୍ୟ ଆଲୋଚନା କର । 10

5.(c) 'ନୀଳଜ୍ୟୋସ୍ନା' ଗଳ୍ପରେ ପ୍ରତିଫଳିତ ଗାଳ୍ପିକଙ୍କର ପ୍ରେମପ୍ରତି ଦୃଷ୍ଟିକୋଣ ବର୍ଣ୍ଣନା କର । 10

5.(d) 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ପଣ୍ଡିତ ଚରିତ୍ରର ତାତ୍ପର୍ଯ୍ୟ ଲେଖ । 10

5.(e) 'ଛ'ମାଣ ଆଠଗୁଣ୍ଠ'ରେ ଫକୀର ମୋହନଙ୍କର ହାସ୍ୟରସ ପ୍ରୟୋଗ ସମ୍ପର୍କରେ ଆଲୋଚନା କର । 10

6. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

6.(a) 'କଥା ସରେନା' ପ୍ରବନ୍ଧ ମାଧ୍ୟମରେ କ୍ରିୟା-ପ୍ରକ୍ରିୟାର ଏକ ଅସରନ୍ତି ପ୍ରବାହକୁ ଲେଖକ କିପରି ଦର୍ଶାଇଛନ୍ତି, ଆଲୋଚନା କର । 20

6.(b) ବାସ୍ତବତା ଦୃଷ୍ଟିରୁ ବଳୀଦତ୍ତ ଚରିତ୍ରର ଯଥାର୍ଥତା ନିରୂପଣ କର । 15

6.(c) 'କାଠଘୋଡ଼ା' ନାଟକରେ ପ୍ରୟୋଗ କରାଯାଇଥିବା ନୂତନତା ଦର୍ଶାଅ । 15

7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

7.(a) ଚିତ୍ତରଞ୍ଜନ ଦାସଙ୍କ ପ୍ରବନ୍ଧ ଅବଲମ୍ବନରେ ଜାଣିବା ଓ ବୁଝିବା ମଧ୍ୟରେ ଥିବା ପାର୍ଥକ୍ୟକୁ ସଦୃଷ୍ଟାନ୍ତ ଲେଖ । 20

7.(b) ବୌଦ୍ଧ ଧର୍ମ-ଦର୍ଶନର ବିରୋଧାତ୍ମକ ଚିତ୍ରର ପ୍ରତିଫଳନ 'ତଟନିରଞ୍ଜନା'ରେ କିପରି ଘଟିଛି — ଦର୍ଶାଅ । 15

7.(c) 'ଗୃହଦାହ' ଗଳ୍ପ ମାଧ୍ୟମରେ ରାଜନୀତିରେ ସ୍ୱାର୍ଥପରତାର ଚିତ୍ର କିପରି ପ୍ରଦର୍ଶିତ — ନିରୂପଣ କର । 15

8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

8.(a) 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥ ମାଧ୍ୟମରେ ମନୁଷ୍ୟର ଅହଙ୍କାରର ସାରଶୂନ୍ୟତାକୁ ପ୍ରତିପାଦନ କର । 20

8.(b) 'ସରୋଜିନୀ' ଚରିତ୍ର ମାଧ୍ୟମରେ ମୂଲ୍ୟବୋଧର ବିପର୍ଯ୍ୟୟ ରୂପାୟିତ — ନିର୍ଣ୍ଣୟ କର । 15

8.(c) 'ଚମ୍ପା' ଚରିତ୍ରର କୁଟିଳତାର ବିବିଧ ଦିଗ ଦର୍ଶାଅ । 15

---